**ନୟନଯୋରିକୁ ଓଲଟିଲା ମାଲ ବୋଝେଇ ଟ୍ରକ୍**

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ୧୬ନମ୍ବର ଜାତୀୟ ରାଜପଥ ବେଗୁନିଆ ଡାଇଭର୍ଶନ ନିକଟରେ ଏକ ଦାନା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡିଥିଲା। ଏହାର ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହେଲେ ଶରୀରରେ ଆଘାତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖନ୍ତାପଡା ଥାନା ପୋଲିସ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ଏହି ଟ୍ରକ (ନଂ.ଏପି-୧୬-ଟିଡି ୬୨୨୮) କୋଲକାତାରୁ ଆନ୍ଧ୍ର ଅଭିମୁଖେ ଯାଉଥିଲା।

## ସଂକ୍ଷେପରେ

### ଜଗତେଶ୍ୱରଙ୍କ ବିବାହ ଉତ୍ସବ ପ୍ରସ୍ତୁତି

ଧାମନଗର, ୨୦।୫ (ଡି.ଏନ.ଏ.)- ଆସନ୍ତା ୨୪ ତାରିଖରେ ଶୀତଳ ଷଷ୍ଠୀରେ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ବାବା ଜଗତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ଆୟୋଜିତ ବୈଠକରେ ବାଲିପାଟଣା ଓ ଚାନ୍ଦପାଟଣା ଗ୍ରାମର ଲୋକେ ଯୋଗଦେଇଥିଲେ। ବୈଦିକ ରୀତିନୀତି ଅନୁଯାୟୀ କିପରି ଶିବ ପାର୍ବତୀଙ୍କ ବିବାହ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେନେଇ ଆଲୋଚନା କରାଯାଇଥିଲା। କନ୍ୟା କର୍ତ୍ତାକର୍ତ୍ତା ଭାବେ ସ୍ୱର୍ଣ୍ଣଲତା ସାହୁ ଓ କୃପାସିନ୍ଧୁ ସାହୁ, ବର କର୍ତ୍ତାକର୍ତ୍ତା ଭାବେ ବୃନ୍ଦାବତୀ ପାତ୍ର ଓ ଗଙ୍ଗାଧର ପାତ୍ର ଦାୟିତ୍ୱ ନିର୍ବାହ କରିବେ। ସ୍ଥାନୀୟ ଗ୍ରାମରୁ ଶ୍ରଦ୍ଧାଳୁମାନେ ଭଜନ କୀର୍ତ୍ତନ ଆଟୋପ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମ ରହିଛି। ପଣ୍ଡିତ ରବି ନାରାୟଣ ଦୀକ୍ଷିତ ଓ ହରିଶଙ୍କର ଦୀକ୍ଷିତ ପୂଜା କାର୍ଯ୍ୟ ସମାପନ କରିବେ।

### ଶୋଇଥିବା ବେଳେ ବୃଦ୍ଧଙ୍କ ମୃତ୍ୟୁ

ପଦ୍ମପୁର, ୨୦।୫(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତ ସନାନ୍ଦପୁର ଗ୍ରାମର ବସନ୍ତ ମଳିକ ନାମକ ବୃଦ୍ଧଙ୍କର ଶୋଇଥିବା ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଶୁକ୍ରବାର ରାତିରେ ଘରେ ଶୋଇଥିଲେ। ଶନିବାର ସକାଳେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସାବରଙ୍ଗ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ ହୋଇଛି।

### ଲେଭଲ କ୍ରସିଂ ପାର୍ ବେଳେ ଟ୍ରେନ୍ ଧକ୍କାରେ ମହିଳା ମୃତ

ବାଲେଶ୍ୱର ଅଫିସ, ୨୦।୫- ବାଲେଶ୍ୱର ସହର ଅଙ୍ଗାରଗଡ଼ିଆସ୍ଥିତ ରେଳ ଫାଟକ ପଡ଼ିଥିବା ବେଳେ ଶନିବାର ଅପରାହ୍ଣରେ ଜଣେ ମହିଳା ସାଇକେଲ ଧରି ଫାଟକ ପାରି ହୋଇଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରେନ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ଟାଉନ ଥାନା ଅଧୀନ ସୁନହଟ୍ ଗ୍ରାମର ସମିମା ବିବି (୫୦)। ଏନେଇ ବାଲେଶ୍ୱର ରେଳବାଇ ଥାନାରେ ମାମଲା (ନଂ. ୪୪/୨୩) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ରେଳବାଇ ଥାନା ଅଧିକାରୀ ପପୁ କୁମାର ନାୟକ ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଯୌତୁକ ପାଇଁ ହତ୍ୟା ଅଭିଯୋଗ ଆଣିଲେ ମା'**

ବାସୁଦେବପୁର,୨୦।୫(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଢ଼ୁଁଆ ଗ୍ରାମରେ ମଧୁସ୍ମିତା ପଲେଇ ନାମ୍ନୀ ମହିଳାଙ୍କ ଝୁଲନ୍ତା ମୃତଦେହ ଶନିବାର ଶୋଇବା ଘରୁ ପୋଲିସ ଜବତ କରିଛି। ୩ ବର୍ଷ ତଳେ ମଧୁସ୍ମିତା ପ୍ରେମବିବାହ କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯୌତୁକ ପାଇଁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ମା' ବାସନ୍ତୀଲତା ପଲେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯିବା ସହ ମାମଲା (ନଂ.୨୮୬/୨୩) ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ସାବିତ୍ରୀ ପଣ୍ଡା କହିଛନ୍ତି।

### ଦହିସଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ସୋର, ୨୦।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଦହିସଡ଼ା ପଞ୍ଚାୟତ ଦହିସଡ଼ା ଗ୍ରାମରେ ଥିବା ଦହିସଡ଼ା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୋର ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପାଚେରି ଡେଇଁ କେହି ଦୁର୍ବୃତ୍ତ ଭିତରକୁ ପ୍ରବେଶ କରି ଅଫିସ ରୁମ୍ ଏବଂ ଅନ୍ୟ ରୁମ୍‌ର ତାଲା ଭାଙ୍ଗିଥିଲେ। ଏହାସହ ଅଫିସରେ ଥିବା ୬ଟି ଆଲମିରା ତାଲା ଭାଙ୍ଗି ୧୧, ୦୦୦ ଟଙ୍କା ଲୁଟ୍ କରିବା ସହିତ ଦରକାରୀ କାଗଜପତ୍ରକୁ ଫିଙ୍ଗାଫିଙ୍ଗି କରିଥିଲେ। ଶୁକ୍ରବାର ବିଦ୍ୟାଳୟ ଖୋଲାଯିବା ବେଳେ ତାଲା ଭଙ୍ଗାଯିବା ସହିତ ଅଫିସ କାଗଜପତ୍ର ଖେଳା ହୋଇପଡ଼ିଥିବା ଦେଖିବାକୁ ପାଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ପୁରୀ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# କାମରେ ଲାଗୁନି ଭେଣ୍ଡିଂ ଜୋନ୍

■ଆବଣ୍ଟନ ହେଉନି, ଅନେକ ଭାଙ୍ଗିରୁଜି ଗଲାଣି
■ବ୍ୟାପକ କ୍ଷତି ସହୁଛି ପୌରପାଳିକା

କେନ୍ଦୁଝର, ୨୦।୫(ସ୍ୱ.ପ୍ର.)

କେନ୍ଦୁଝର ସହରରେ ମାଳ ମାଳ ଭେଣ୍ଡିଂ ଜୋନ୍ ନିର୍ମାଣ ହେଉଛି। କିନ୍ତୁ ଅଧିକାଂଶ ଖୋଲୁନାହିଁ। ଫଳରେ ଭାଙ୍ଗିରୁଜି ନଷ୍ଟହେବାକୁ ବସିଥିବା ବେଳେ ପୌରପାଳିକାର ଅନେକ ଲକ୍ଷ ଟଙ୍କା କ୍ଷତି ହେଉଛି। ଉପଯୁକ୍ତ ତଦାରଖ ଅଭାବରୁ ଆବଣ୍ଟନ ହୋଇଥିବା ଅନେକ ଭେଣ୍ଡିଂ ଦୋକାନ ଖୋଲୁ ନ ଥିବା ବେଳେ ଅନେକେ ଭଡ଼ା ଦେଉନାହାନ୍ତି। କେତେଜଣ ଦୋକାନ ପାଇଥିବା ବ୍ୟବସାୟୀ ନିଜେ ବ୍ୟବସାୟ ନ କରି ବେଆଇନ ଭାବରେ ଭଡ଼ାରେ ଦେଇ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ଏଭଳି ପରିପ୍ରେକ୍ଷୀରେ ପୂର୍ବରୁ ନିର୍ମାଣ ହୋଇଥିବା ଭେଣ୍ଡିଂ ଦୋକାନ କିପରି ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ନ ଦେଇ ନୂଆ ଭେଣ୍ଡିଂ ଜୋନ୍ ଖୋଲାଯାଇ ସରକାରୀ ଅର୍ଥ ଅପବ୍ୟୟ ହେଉଥିବା ମତପ୍ରକାଶ ପାଉଛି।



ଉଦ୍‌ଘାଟନ ପରେ ବନ୍ଦ ପଡ଼ିଥିବା ଦୋକାନଘର।

ପ୍ରକାଶ ଯେ, ଗତ ଜାନୁୟାରୀ ୨୬ରେ ମାଧପୁର ନିକଟରେ ବସ୍‌ଷ୍ଟପ୍ ତଥା କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲା ; ଯାହାକି ଅଦ୍ୟାବଧି କାମରେ ଲାଗୁନାହିଁ। ଏହାକୁ ଉଦ୍‌ଘାଟନ ସମୟରେ ଲଗାଯାଇଥିବା ଫଳକରେ ପୌରାଧ୍ୟକ୍ଷା ନିକୁ ସାହୁ, ନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ସମସ୍ତ କାଉନ୍‌ସିଲରଙ୍କ ନାମ ରହିଥିଲା। ଏବେ ସେଠାରେ ଲଗାଯାଇଥିବା ଉଦ୍‌ଘାଟନୀ ଫଳକକୁ ମଧ ହଟାଇ ଦିଆଯାଇଛି। ଭେଣ୍ଡିଂ ବାବଦକୁ ପାଖାପାଖି ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଦୀର୍ଘ ୪ ମାସ ହେଲା ଆବଣ୍ଟନ ହୋଇନାହିଁ। ଦୋକାନଗୁଡ଼ିକ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହିଭଳି ଜେଲ ରୋଡ୍, ବଡ଼ହଳ, ଗମ୍ଭାରିଆ ଆଦି ସ୍ଥାନରେ ନିର୍ମାଣ ହୋଇଥିବା ଅନେକ ଲକ୍ଷ ଟଙ୍କାର ଭେଣ୍ଡିଂ ବନ୍ଦ ରହିଥିବା ବେଳେ କେତେକ ଭୂତକୋଠିରେ ପରିଣତ ହୋଇଛି। ସେହିପରି ଡାଙ୍ଗରପଡ଼ା ନିକଟରେ ବହୁ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମାଂସଦୋକାନ, ଗୋଦାମଘର ଆଦି ବ୍ୟବହାର ନ ହୋଇ ପଡ଼ିରହିଛି। ଏ ନେଇ ପୂର୍ବତନ ପୌରାଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଛି। ଯାଞ୍ଚ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ନେଇ ପୌରପାଳିକା ଇଞ୍ଜିନିୟର ସଂଗ୍ରାମ ବେହେରା କହିଛନ୍ତି, ମାଧପୁର ନିକଟରେ ଥିବା ଭେଣ୍ଡିଂ ଜୋନ୍ ଖୁବ୍‌ଶୀଘ୍ର ଆବଣ୍ଟନ କରାଯିବ।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ମୋରଡ଼ା, ୨୦।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ପଞ୍ଚାୟତର ଅନେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ସକାଳ ୬ରୁ ଦିନ ୧୦ ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଇପ୍ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ଅଘୋଷିତ ଭାବେ ସକାଳ ଏବଂ ଅପରାହ୍ଣରେ ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ଅଧିକାଂଶ ଦିନ ଲୋକେ ପାଇପ୍ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଦ୍ୟାଳୟ ଏବଂ କଲେଜରେ ବହୁ ଜରୁରୀ କାର୍ଯ୍ୟ ଅନ୍‌ଲାଇନ ଏବଂ କମ୍ପ୍ୟୁଟରରେ କରିବାରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟା ସମୟରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ପିଲାମାଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି କରୁଛି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ରାତିରେ ମଧ ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି।

କେତେବେଳେ ୩୩ କେଭି ଟ୍ରିପ୍, କେତେବେଳେ ଜମ୍ପର ତାର ଛିଣ୍ଡିଯିବା, ଅଜଣା ସ୍ଥାନରେ ଇନ୍ସୁଲେଟର ଫାଟିବା, ଜଙ୍ଗଲରେ ୩୩ କେଭି ତାର ଉପରେ ଦୁର୍ବୃତ୍ତମାନେ ଗଛ ଓ ଡାଳ ପକାଇ ଦେବା ଭଳି ଉତ୍ତର ବିଦ୍ୟୁତ୍ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଦେଉଛନ୍ତି। ବିଭାଗ ଅଧିକାଂଶ ଦିନ ମରାମତି କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ କାଟ୍ ପରେ ଏଭଳି ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ୍‌କୁ ନେଇ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ମୋରଡ଼ାର କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ କହିଛନ୍ତି, ଗତ ୩ ଦିନ ଧରି କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହେଉଛି। କେତେକ ସମୟରେ ୩୩ କେଭି ତାର ଉପରେ ଦୁର୍ବୃତ୍ତମାନେ ଗଛ ପକାଇ ଦେଉଛନ୍ତି। ଫଳରେ ବିଦ୍ୟୁତ୍ ସେବା ଯୋଗାଇବାରେ ବାଧା ସୃଷ୍ଟି ହେଉଛି। ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ କର୍ମଚାରୀମାନେ ଉତ୍ତମ ସେବା ଯୋଗାଇବା ପାଇଁ ସର୍ବଦା ସଜାଗଥିବା କହିଛନ୍ତି।

# 'ବିଜ୍ଞାନ ଦ୍ୱାରା ବଳିଷ୍ଠ ସମାଜ ଗଢ଼ି ହେବ'



ଆଲୋଚନାଚକ୍ରରେ ଅତିଥିଗଣ।

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱର ଜିଲା ଚାନ୍ଦିପୁର ରୋଡ୍‌ସ୍ଥିତ ନିଷ୍ଟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ ପରିସରରେ ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଦ୍ୱାରା ପଦାର୍ଥ ବିଜ୍ଞାନ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଛି। ଏହାକୁ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ'ର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଉଦ୍‌ଘାଟନ କରି ବିଜ୍ଞାନ ଦ୍ୱାରା ବଳିଷ୍ଠ ମାନବ ସମାଜ ଗଢ଼ି ତୋଳିବା ଉପରେ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଶକ୍ତି କେଉଁଠୁ ମିଳିବ ସେ ବିଷୟରେ ଆଲୋଚନା କରିଥିଲେ।

ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ହରିହର ରାଉତ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ରାଜେଶ୍ୱରୀ ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ. ସଚିନ୍ଦ୍ର ନାଥ ଷଡ଼ଙ୍ଗୀ ଯୋଗଦେଇ ନାନୋ ସାଇନ୍ସ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଆଧୁନିକ ସମାଜରେ ନାନୋ ପାର୍ଟିକଲର ଉପକାରିତା ବିଷୟରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ 'ଅଗ୍ନିଦେଶା' ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ଯୋଗଦେଇ ଡ. କାଲାମଙ୍କ ଜୀବନୀ ଉପରେ ଆଲୋଚନା କରି ବିଜ୍ଞାନକୁ କିପରି ଘରେ ଘରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ ସେନେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଚନ୍ଦନ କୁମାର ନାୟକ, ଅଧ୍ୟାପକ କେଶବ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ବକ୍ତବ୍ୟ ଦେଇଥିଲେ। ଆଲୋଚନାଚକ୍ରରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱଜିତ ମଲ୍ଲିକ ଏକ କୁଇଜ୍ ପ୍ରତିଯୋଗିତା କରିଥିଲେ। ଶ୍ରେଷ୍ଠ ୩୦ ଜଣଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ 'ଏ ୧' ଗ୍ରେଡ୍‌ରେ ଥିବା ଜିଲାର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ଫାଉଣ୍ଡର ମେମ୍ବର, ନିର୍ଦ୍ଦେଶକ, ଅଧ୍ୟାପିକା, ଅଧ୍ୟାପକ, ୨ବରିଷ୍ଠ ବୈଜ୍ଞାନିକଙ୍କୁ ମାନପତ୍ର, ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂରାଜୀ ଅଧ୍ୟାପକ ନିରଞ୍ଜନ ଜେନା ବାଲେଶ୍ୱର ଫକୀରମୋହନ ମାଟିରେ ଆଜି ଏଭଳି ବୈଜ୍ଞାନିକଙ୍କର ପାଦ ପଡ଼ିଥିବାରୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ କର୍ମଚାରୀମାନେ ସହଯୋଗ କରିଥିଲେ।

# ଆଦର୍ଶ ରଜ ଉତ୍ସବ ପ୍ରସ୍ତୁତି ବୈଠକ

କୋଡ଼ପଡ଼ା,୨୦।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ସେବା ସଂଘ ପକ୍ଷରୁ ରଜ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଟେଲ ଗାୟତ୍ରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯଜ୍ଞ ପ୍ରସାଦ ଅଧ୍ୟକ୍ଷତା କରିଥିଲେ। ଜୁନ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଉତ୍ସବ ଘଷିପୁରା ଗ୍ୟାରେଜ ଛକରେ ଆୟୋଜନ ହେବ। ଏଥିରେ ବିଭିନ୍ନ ଷ୍ଟଲ ସହ ଭଳିକି ଭଳି ଦୋଳି ବ୍ୟବସ୍ଥା କରାଯିବା ସମ୍ପର୍କରେ ସଂଘ ଉପ ସଭାପତି ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି। ବିଭିନ୍ନ ନୃତ୍ୟ ଅନୁଷ୍ଠାନକୁ ନେଇ ୧୩ ତାରିଖ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବ। ୧୪ରୁ ୧୬ ରାଜ୍ୟର ପ୍ରତିଷ୍ଠିତ ନୃତ୍ୟ ଦଳଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୭ ତାରିଖରେ ସ୍ଥାନୀୟ କଳାକାରଙ୍କୁ ନେଇ ସଚେତନତାଧର୍ମୀ ନାଟକ ପରିବେଷଣ ହେବା ନେଇ କଳାକାର ସଂଘ ସମ୍ପାଦକ ରାଜକିଶୋର ସାହୁ ସୂଚନା ଦେଇଛନ୍ତି। ସେହିପରି ମହିଳାଙ୍କୁ ନେଇ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୈଠକରେ ଲଳିତ ସାହୁ, ପ୍ରତାପ ନାୟକ, ମାନସ ସାହୁ, ସତ୍ୟଜିତ ସାହୁ, ସତ୍ୟବ୍ରତ ସାହୁ, ସୀତାରାମ ସାହୁ, ଶିବାଶିଷ ସାହୁ, ସୁଶାନ୍ତ ସାହୁ, ସନ୍ଦୀପ ଜେନା, କୁନାଲ ସ୍ୱାଇଁ, ବଳରାମ ସାହୁ, ବିଶ୍ୱନାଥ ସ୍ୱାଇଁ, ବିଜୟ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ବଂଶୀଧର ଥିଲେ ଆଦର୍ଶ ଶିକ୍ଷକ'



ସ୍ମୃତିସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଭଦ୍ରକ ଅଫିସ, ୨୦।୫ (ସ୍ୱ.ପ୍ର.)

ଭଦ୍ରକର ଦୈସିଂ ପଞ୍ଚାୟତ ଚଡେୟା ଗ୍ରାମରେ ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସ୍ୱର୍ଗତ ବଂଶୀଧର ନାୟକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ବଂଶୀଧର ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଏକାଦଶାହ ଅବସରରେ ଆୟୋଜିତ ସଭାରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ସ୍ମୃତିରେ ସ୍ମରଣିକା 'ବିଦାୟୀ ବଂଶୀଧର' ଉନ୍ମୋଚନ କରାଯାଇଥିଲା। ଖବରଦାତା ରଞ୍ଜନ ନାୟକ ସଂଯୋଜନା ଓ ଆଇନଜୀବୀ ମନୋଜ ରାୟ ମଞ୍ଚ ଆମନ୍ତ୍ରଣ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଛାତ୍ର ଗୋପାଳ ବେଜ, ଅମରେନ୍ଦ୍ର ଦାସ, ଅଜିତ ପାଢ଼ୀ, ପର୍ଶୁରାମ ସାହୁ, ସତ୍ୟ ଦାଶ, ପରେଶ ବାରିକ, ରେବତୀକାନ୍ତ ବେହେରା, ସୁଧାମୟ ମହାନ୍ତି, ମଦନ ମୋହନ ସାହୁ, ଦୟାନିଧି ବେହେରା, ଦୟାନିଧି ପୁହାଣ, ଜୟନ୍ତ ପଣ୍ଡା, ସବିତା ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ ବୋହୂ ସ୍ୱାଗତିକା ନାୟକ, ଝିଅ ଅନିତା ନାୟକ, ପୁଅ ଅନିଲ ନାୟକ, ଅଶୋକ ନାୟକ, ସମୃଦ୍ଧି ଶଙ୍କର୍ଷଣ ଜେନା, ରଞ୍ଜନ ଲେଙ୍କା, ରୋହିତ ଜେନା, ପ୍ରସନ୍ନ ଲେଙ୍କା, ବିଜୟ ନାୟକ, ତପନ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ଅଭିଜିତ ମହାନ୍ତି, ସତ୍ୟ ମହାନ୍ତି, ମୁକ୍ତିକାନ୍ତ ନାୟକ, ପଦ୍ମନାଭ ଜେନା, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର

**ଦୁର୍ଘଟଣା କ୍ଷତିପୂରଣ ମାମଲା**

ବାରିପଦା ଅଫିସ, ୨୦।୫

ଏକ ମଟର ଦୁର୍ଘଟଣା କ୍ଷତିପୂରଣ ମାମଲାର ବିଚାର କରି ବାରିପଦା ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ଚତୁର୍ଥ ମଟର ଦୁର୍ଘଟଣା କ୍ଷତିପୂରଣ ଟ୍ରିବ୍ୟୁନାଲର ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ମୃତକଙ୍କ ପରିବାର ବର୍ଗଙ୍କୁ ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। କ୍ଷତିପୂରଣ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ନ୍ୟୁ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀକୁ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଘଟଣାର ବିବରଣୀ ଅନୁଯାୟୀ, ୨୦୧୭ ସେପ୍ଟେମ୍ବର ୧ ରେ ଯଶିପୁର-ରାଇରଙ୍ଗପୁର ମାଛକାନ୍ଦଣା ଘାଟିରେ ଏକ କାର ଦୁର୍ଘଟଣାରେ ବାରିପଦାସ୍ଥିତ ଭଞ୍ଜପୁର ୱାର୍ଡ ନଂ. ୨୧ର ପ୍ରଶନ୍ନ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସଂକ୍ରାନ୍ତରେ ଯଶିପୁର ଥାନାରେ (ନଂ.୧୨୯/୧୭) ମାମଲା ମୂଳେ ଏକ ଅଭିଯୋଗ ହୋଇଥିଲା। ରିପୋର୍ଟରେ ଗାଡ଼ି ଚାଳକଙ୍କୁ ଗିରଫ କରି ପୋଲିସ ଦୁର୍ଘଟଣା ସଂକ୍ରାନ୍ତ ସମସ୍ତ କାଗଜାଦ କରଞ୍ଜିଆ ଏସ୍‌ଡିଜେଏମ କୋର୍ଟରେ ଦାଖଲ କରିଥିଲା। ବାରିପଦା ଜିଲା ଜଜ ତଥା ପ୍ରଥମ ମଟର ଦୁର୍ଘଟଣା କ୍ଷତିପୂରଣ ଟ୍ରିବ୍ୟୁନାଲରେ ଦରଖାସ୍ତକାରୀମାନଙ୍କ ତରଫରୁ ଏକ କ୍ଷତିପୂରଣ ମାମଲା (ନଂ.୧୧୪/୧୭) ଦାଖଲ ହୋଇଥିଲା। ଘଟଣାର ସମସ୍ତ ସାକ୍ଷୀ, ପୋଲିସ ରିପୋର୍ଟ, ଗାଡ଼ି ମାଲିକ ତଥା ଏମ୍‌ଭିଆଇ ରିପୋର୍ଟକୁ ଆଧାର କରି ଅତିରିକ୍ତ ଜିଲା ଜଜ ଏହି ରାୟ ପ୍ରକାଶ କରିଛନ୍ତି। କ୍ଷତିପୂରଣ ମାମଲାଟିକୁ ନ୍ୟୁ ଇଣ୍ଡିଆ ଇନ୍ସ୍ୟୁରାନ୍ସ ତରଫରୁ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ଦରଖାସ୍ତକାରୀମାନଙ୍କ ତରଫରୁ କ୍ଷେତ୍ରମୋହନ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ଯୋଡ଼ା,୨୦।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଆମ୍ ବାଗାନଠାରେ ଶୁକ୍ରବାର କାଳବୈଶାଖୀରେ ବର୍ଷା ପବନ ହୋଇଥିଲା। ଏଥିରେ ଜଣଙ୍କ ଘର ଭାଙ୍ଗିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ନେବାରୁ ଜଣାପଡ଼ିଛି, ସନ୍ଧ୍ୟା ସମୟରେ କାଳବୈଶାଖୀ ପ୍ରଭାବରେ ପ୍ରଚଣ୍ଡ ଝଡ଼ ଆରମ୍ଭ ହୋଇଥିଲା। ଏଥିରେ ବିଭୂତି ଓରାମଙ୍କ ଟିଣ ଘରକୁ ଲାଗି ଥିବା ଏକ ବଡ଼ ଗଛ ଭାଙ୍ଗି ଘର ଉପରେ ପଡ଼ିଯାଇଥିଲା। ଫଳରେ ତାଙ୍କ ଘର ଭାଙ୍ଗିବା ସହ ବାଡ଼ ଭାଙ୍ଗି ଯାଇଥିଲା। ତେବେ ଘର ଭିତରେ ଥିବା ବିଭୂତିଙ୍କ ପରିବାର ଲୋକଙ୍କ କୌଣସି କ୍ଷତି ହୋଇନାହିଁ। ଅଗ୍ନିଶମ କର୍ମଚାରୀ ଖବର ପାଇ ପହଞ୍ଚି ଗଛକୁ କାଟି ବାହାର କରିଥିଲେ।

# ମୃତ ଚାଷୀଙ୍କ ପରିବାରକୁ ବୀମା ସହାୟତା

ଖଇରା, ୨୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ରୁଢିଙ୍ଗିଆ ଗ୍ରାମରେ ମୃତ୍ୟୁବରଣ କରିଥିବା ଚାଷୀ ମଣିଭଦ୍ର ଧଡାଙ୍କ ପରିବାରକୁ ମିର୍ଜାପୁର ସେବା ସମବାୟ ସମିତି ପକ୍ଷରୁ ମୃତ୍ୟୁକାଳୀନ ବୀମା ସହାୟତା ପ୍ରଦାନ କରାଯାଇଛି। ମଣିଭଦ୍ରଙ୍କ ସ୍ତ୍ରୀ ସୁଷମା ମଞ୍ଜରୀ ଏବେ ଶଯ୍ୟାଶାୟୀ ଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ସମବାୟ ବ୍ୟାଙ୍କ ଖଇରା ଶାଖା ସଭାପତି ଯଦୁନାଥ ସ ତାଙ୍କୁ ବାସଭବନରେ ଭେଟି ବୀମାରାଶି ବାବଦକୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ମିର୍ଜାପୁର ପରିଚାଳନା ବୋର୍ଡ ସଭାପତି ସନ୍ତୋଷ ନାୟକ, ସମବାୟ ସମିତି ସମ୍ପାଦକ ଦେବାଶିଷ ପାଢ଼ୀ, ନାଏବ ସରପଞ୍ଚ ଅନାଦି ଧଡା, ଆଇନଜୀବୀ ପ୍ରହଲ୍ଲାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଧଡ଼ା ୨୦୨୨ ଏପ୍ରିଲ ୨୮ରେ ମସ୍ତିଷ୍କ ଆଘାତ ଯୋଗୁ ମୃତ୍ୟୁବରଣ କରିଥିଲେ।



ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ଶଯ୍ୟାଶାୟୀ ସୁଷମା ମଞ୍ଜରୀ ଧଡାଙ୍କୁ ବୀମା ଚେକ୍ ଦେଉଛନ୍ତି।

# ରାସ୍ତାକୁ ମାଡ଼ିଯାଉଛି ଡ୍ରେନ୍ ପାଣି

ଭଦ୍ରକ ଅଫିସ,୨୦।୫

ଭଦ୍ରକ-ଆରଡ଼ି ରାସ୍ତାର ପ୍ରାଚୀନଗର ଅଞ୍ଚଳରେ ଡ୍ରେନ୍ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ରାସ୍ତାକୁ ଡ୍ରେନ୍‌ପାଣି ମାଡ଼ିଯାଉଛି। ଡ୍ରେନ୍‌ର ନର୍ଦ୍ଦମା ପାଣିରେ ଯାତାୟାତ କରୁଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିକାର ପାଇଁ ସ୍ଥାନୀୟ ଲୋକେ ଜିଲାପାଳ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ତ୍ତ ଓ ଗୃହ ବିଭାଗ ଦ୍ୱାରା ୫ ବର୍ଷ ତଳେ ଆରଡ଼ି ଛକଠାରୁ ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ରାସ୍ତାକଡ଼ରେ ଡ୍ରେନ୍ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ନିର୍ମାଣ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୪ ବର୍ଷ ହେଲା ଡ୍ରେନ୍ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଫଳରେ ଉକ୍ତ ଡ୍ରେନ୍‌ରେ ଆସୁଥିବା ପାଣି ନିଷ୍କାସନ ହୋଇ ନ ପାରି ବିଭିନ୍ନ ସ୍ଥାନରେ ରାସ୍ତା ଜଳମଗ୍ନ ହେଉଛି। ନିର୍ମାଣଠାରୁ ଏପର୍ଯ୍ୟନ୍ତ ଡ୍ରେନ୍ ଥରେ ମଧ ସଫା କରାଯାଇ ନାହିଁ। ଏହି ଅଞ୍ଚଳରେ ୫ ଶହରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଡ୍ରେନ୍‌ର ନର୍ଦ୍ଦମା ପାଣିରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଛାତ୍ରୀଛାତ୍ର ମଧ ଦୂଷିତ ଡ୍ରେନ୍ ପାଣିରେ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ଫଳରେ ବିଭିନ୍ନ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଛି।



ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**୫ ବର୍ଷ ବିତିଲା, ପୂର୍ଣ୍ଣାଙ୍ଗ ହେଉନି ଡ୍ରେନ୍**

ନର୍ଦ୍ଦମା ପାଣି ଜମି ରହିବା ଯୋଗୁ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି।

ପ୍ରାଚୀନଗରରେ ଥିବା ସ୍ଥାୟୀ କମିଟି ଏକ ରିଜୋଲେଶନ କରି ଶତାଧିକ ଲୋକଙ୍କ ଦସ୍ତଖତ କରାଯାଇ ପୂର୍ତ୍ତ ବିଭାଗ ଅଧିକାରୀ, ଜିଲାପାଳ ଓ ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ଷାଦିନ ପୂର୍ବରୁ ଏହାର ସ୍ଥାୟୀ ସମାଧାନ ପାଇଁ କମିଟି ସଭାପତି ସରୋଜ ଲେଙ୍କା, ସମ୍ପାଦକ ଅଶୋକ କୁମାର ପରିଜା, କାର୍ଯ୍ୟକାରୀ ସଦସ୍ୟ ନାରାୟଣ ଚନ୍ଦ୍ର ପାଢ଼ୀ, ଚନ୍ଦ୍ରଶେଖର ନାୟକ, ଗୋଲକ ଚନ୍ଦ୍ର ପଣ୍ଡା, ବାସୁଦେବ ବାରିକ, ଦୁର୍ଗାପ୍ରସାଦ ଜେନା, ରବିନାରାୟଣ ମହାପାତ୍ର, ଆନନ୍ଦ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ବାରିକ, ଆଲୋକ ମିଶ୍ର, ଶମ୍ଭୁନାଥ ନାୟକ ପ୍ରମୁଖ ଦାବି କରିଛନ୍ତି।

**ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ**

ଗୋପବନ୍ଧୁ ନଗର, (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମର ଜଣେ ବିଧବା ମାନସିକ ବିକୃତ ମହିଳାଙ୍କର ଚିକିତ୍ସାଧୀନ ଅବସ୍ଥାରେ ବାରିପଦା ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ବାସନ୍ତୀ କିସ୍କୁ (୪୫)। ତାଙ୍କ ସ୍ୱାମୀ କୁଆଁର କିସ୍କୁଙ୍କ ଆକସ୍ମିକ ମୃତ୍ୟୁ ପରେ ମାନସିକ ଭାରସାମ୍ୟ ହରାଇଥିଲେ। ଗତ ୮ ତାରିଖରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକେ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ ମହାକୁଡ଼ ଶବ ବ୍ୟବଚ୍ଛେଦ କରାଇ ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ବାରିପଦା ବାରୁଣୀ ଘାଟରେ ସତ୍କାର କରିଛନ୍ତି। ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ଶ୍ୱଶୁର ଘର ପୋଖରୀରେ ବୁଡ଼ି ଯୁବକ ମୃତ

ବାହାନଗା, ୨୦ା୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ନୂଆପୁର ଗ୍ରାମର ଜଣେ ଯୁବକ ନିଜ ଶ୍ୱଶୁର ଘର ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ମୁକୁନ୍ଦ ମଲିକଙ୍କ ପୁଅ ଅମୂଲ୍ୟ(୪୫)। ତାଳପଦାସ୍ଥିତ ଶ୍ୱଶୁର ଘରକୁ ବୁଲିବାକୁ ଯାଇଥିଲେ। ଶନିବାର ସକାଳେ ଶ୍ୱଶୁର ଘର ନିକଟସ୍ଥ ପୋଖରୀରେ ଗାଧୋଇବା ବେଳେ ଅମୂଲ୍ୟଙ୍କ ଗୋଡ ଖସିଯାଇଥିଲା। ଭାସୁଥିବା ସ୍ଥାନୀୟ ଲୋକେ ଦେଖି କୂଳକୁ ଆଣିଥିଲେ। ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିବାରଣ ଜେନା ହତ୍ୟା ଘଟଣା: ଆଉ ୩ ଗିରଫ

ବୈଶିଙ୍ଗା,୨୦ା୫ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ନିରିଖା ଗ୍ରାମର ନିବାରଣ ଜେନା ହତ୍ୟା ଘଟଣାରେ ଆଉ ୩ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିରିଖା ଗ୍ରାମର ଜୟନ୍ତ ମହାନ୍ତ, ହରେକୃଷ୍ଣ ବିନ୍ଧାଣି ଓ ସନ୍ତୋଷ କୁମାର ସିଂ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଗାଁ ନିକଟ ଜଙ୍ଗଲରେ ଗଛକଟାକୁ ନେଇ ସଂଘବଦ୍ଧ ଆକ୍ରମଣରେ ନିବାରଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାରେ ପୋଲିସ ଏକ ମାମଲା (ନଂ.୧୮୯/୨୩) ରୁଜୁ କରିବା ସହ ତଦନ୍ତ କରି ପୂର୍ବରୁ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବିଏସଏନଏଲ ଟାୱାରରୁ ଚୋରି

ଗୋପବନ୍ଧୁ ନଗର,୨୦ା୫ (ଡି.ଏନ୍.ଏ.): ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍ ସଂସ୍ଥା (ବିଏସ୍ଏନ୍ଏଲ) ପକ୍ଷରୁ ପୁରୁଣା ବାରିପଦାଠାରେ ସ୍ଥାପିତ ଟାୱାରରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତ ଉକ୍ତ ଟାୱାରରୁ ଉଚ୍ଚ ଶକ୍ତି ସମ୍ପନ୍ନ ଦୁଇଟି ବ୍ୟାଟେରୀକୁ ନେଇଯାଇଛନ୍ତି। ଏ ନେଇ ଜୁନିୟର ଟେଲିଫୋନ ଅଫିସର ଶିବ ପ୍ରସାଦ ମୁର୍ମୁ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଚୋରି ବ୍ୟାଟେରୀର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଅଭିଯୋଗ ଆଧାରରେ ପୋଲିସ (ନଂ. ୧୪୫/୨୩) ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ୬ ମାସ ପୂର୍ବେ ଟାୱାରରୁ ବ୍ୟାଟେରୀ ଚୋରି ହେବାପରେ ନୂତନ ବ୍ୟାଟେରୀ ଲଗିଥିଲା।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ,୨୦ା୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ସରେଇ-ଝୁଣ୍ଟଝୁଣା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ କାଳିକାପ୍ରସାଦ ପଞ୍ଚାୟତ କୃଷ୍ଣପୁର ଗ୍ରାମର କ୍ଷୀରୋଦ ମହାନ୍ତ। ସେ ଅପରାହ୍ଣ ପ୍ରାୟ ୫.୩୦ ମିନିଟ ସମୟରେ ହାତୀ ଦେଖିବାକୁ ଯାଇଥିବା ବେଳେ ହାତୀ କ୍ଷୀରୋଦଙ୍କୁ ଶୁଣ୍ଢରେ ଉଠାଇ ଫୋପାଡ଼ି ଦେଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ଥିବା ବନ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କୁଲଡିହା ସୀମାନ୍ତରୁ ଭଙ୍ଗାଗଲା ୩ ଇଟାଭାଟି

**ଜରିମାନା ନ ଦେବାରୁ ଦର୍ଶାଗଲା ବେଆଇନ**

ନୀଳଗିରି, ୨୦ା୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଞ୍ଚଳରେ ଥିବା ଏକାଧିକ ବେଆଇନ ଇଟାଭାଟି ମଧ୍ୟରୁ ୩ଟି ଇଟାଭାଟିକୁ ବୁଲଡୋଜର ଲଗାଇ ଭାଙ୍ଗିଦିଆଯାଇଛି। କୁଲଡ଼ିହା ଇକୋ ସେନ୍ସିଟିଭ୍ ଜୋନ୍ ଭିତରେ ୧୪ ଇଟାଭାଟି ଥିବାବେଳେ ମୋଟ ୨୨ଟି ଇଟାଭାଟିକୁ ଚଳିତବର୍ଷ ରାଜସ୍ୱ ବିଭାଗ ଜରିମାନା କରିଥିଲା। ୩ଟି ଇଟାଭାଟି ଜରିମାନା ଦେଇ ନ ଥିବା ବେଳେ ସେମାନଙ୍କୁ ବେଆଇନ ଦର୍ଶାଇ ଭାଙ୍ଗିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶନିବାର ପୂର୍ବାହ୍ନରେ ନୀଳଗିରି ତହସିଲଦାରଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ, ବନବିଭାଗ, ଅଗ୍ନିଶମ ବିଭାଗଙ୍କୁ ନେଇ ପ୍ରଥମେ ଅସ୍ତିଆଠାରେ ଥିବା ବିଏସ୍‌ବି ଭାଟି ପରେ ବାରାକୋଇଲି ନିକଟ ମାମା ଭାଟି ଓ କାନପୁର ନିକଟ ରାଜ ଇଟାଭାଟି ଭଙ୍ଗାଯାଇଥିବା ଜଣାପଡ଼ିଛି। ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗତ ୨୦୧୭ ଅଗଷ୍ଟ ୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ମୋଟ ୨୧୯.୧୮ବର୍ଗ କି.ମି. ଅଞ୍ଚଳକୁ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ ଏହି ସେନ୍ସିଟିଭ ଜୋନ୍ ଓ ଅଭୟାରଣ୍ୟ ସୀମାନ୍ତରେ ୧୪ଟି ଚିମିନି ଭାଟି ଥିବା ବନବିଭାଗ ଜାଣିବାକୁ ପାଇଥିଲା। ବେଆଇନ ଇଟାଭାଟି ଯୋଗୁ ଚିମିନି ଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ପ୍ରଦୂଷଣ ବଢ଼ି ଚାଲିଥିବା ବେଳେ ଅଭୟାରଣ୍ୟ ଓ ଏହା ମଧ୍ୟରେ ଥିବା ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ନୀଳଗିରି ବିଧାୟକ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ପ୍ରଶାସନ ଇଟାଭାଟି ଭାଙ୍ଗିବାକୁ ତତ୍ପର ହୋଇଉଠିଥିଲା। ଦେଢ଼ବର୍ଷ ତଳେ ତତ୍କାଳୀନ ଜିଲାପାଳ ଓ ଡିଏଫ୍‌ଓ ବେଆଇନ ଚିମିନି ଇଟାଭାଟି ଭାଙ୍ଗିଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନ ଇଟାଭାଟିଗୁଡ଼ିକୁ ଭାଙ୍ଗିବାକୁ ନେଇ ଦୁଇଥର ଚେଷ୍ଟା କରି ବିଫଳ ହୋଇଥିଲେ। କିନ୍ତୁ ଏହି ସମସ୍ତ ବେଆଇନ ଚିମିନିଙ୍କୁ ଭାଙ୍ଗିବା ପରିବର୍ତ୍ତେ ପ୍ରଶାସନ ଜରିମାନାକୁ ଭିତ୍ତି କରି ଶନିବାର ମାତ୍ର ୩ଟି ଇଟାଭାଟି ଭାଙ୍ଗିଛି। ଫଳରେ ଅନ୍ୟ ଇଟାଭାଟିଗୁଡ଼ିକ ଭଙ୍ଗାଯିବ ନା ଜରିମାନା ନେଇ ଇକୋ ସେନ୍ସିଟିଭ୍ ଜୋନ୍‌ରେ ଚାଲିବାକୁ ଦିଆଯିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଏନେଇ ଜିଲା ବନଖଣ୍ଡ ଅଧିକାରୀ ଖୁସୱନ୍ତ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ନୂଆ କରି ଆସିଛି। ଏ ବିଷୟରେ ପୂର୍ବ ଘଟଣାକୁ ଭିତ୍ତି କରି ପ୍ରକାଶ କରିବେ ବୋଲି କହିଥିଲେ।



ବେଆଇନ୍ ଇଟାଭାଟିକୁ ଭଙ୍ଗା ଯାଉଛି।

# ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୧୭. ୬୫ ଲକ୍ଷ



ମନ୍ଦିର କର୍ମଚାରୀ ଟଙ୍କା ଗଣତି କରୁଛନ୍ତି।

ଘଟଗାଁ,୨୦ା୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ମନ୍ଦିର ହୁଣ୍ଡି ଶନିବାର ଗଣତି ହୋଇଯାଇଛି। ହୁଣ୍ଡିରୁ ୧୭ ଲକ୍ଷ ୬୫ ହଜାର ୫୩୯ ଟଙ୍କା, ୨୫ ଗ୍ରାମ ୫୬୦ ମିଲିଗ୍ରାମ ସୁନା ଓ ୩୮୮ ଗ୍ରାମ ୩୭୦ ମିଲିଗ୍ରାମ ରୁପା ମିଳିଥିବା ଦେବତ୍ତୋର ବିଭାଗ ପକ୍ଷରୁ ସୂଚନା ମିଳିଛି। ସମ୍ବଲପୁର ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ଘାସିନାଥ ହେମ୍ବ୍ରମଙ୍କ ଉପସ୍ଥିତିରେ ମନ୍ଦିର ବେଢ଼ା ଭିତର ଓ ବାହାରେ ଥିବା ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର କର୍ମଚାରୀ ଅବନୀ ଜେନା, ତରଣୀସେନ ରାଉତ, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ଶ୍ରୀକାନ୍ତ ଦେହୁରୀ, ଅରୁଣ ନାଏକ, ନବୀନ ମହାନ୍ତ, ପ୍ରଦୀପ ନାଏକ, ନାରାୟଣ ମୁଖି, ଚନ୍ଦ୍ରା ମୁଖି, ହରିହର ମହାନ୍ତ, ନକୁଳ ବେଜ, ବାବୁଲି ଶା ଓ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ ଉପସ୍ଥିତ ରହି ଗଣତି କରିଥିଲେ।

# ସତ୍ୟ ସନାତନ ମହିମା ଅଲେଖ ଆଶ୍ରମ ପ୍ରତିଷ୍ଠା ଉତ୍ସବ

**ଯୋଗଦେଲେ ଯୋରନ୍ଦା ଗାଦି ସନ୍ନ୍ୟାସୀ**

ଜଳେଶ୍ୱର, ୨୦ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାୟାଁରାମଚନ୍ଦ୍ରପୁରଠାରେ ଏକ ସତ୍ୟ ସନାତନ ମହିମା ଅଲେଖ ଆଶ୍ରମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବ୍ୟାପୀ ଏହି ଉତ୍ସବରେ ଯୋରନ୍ଦାର ମହିମା ଗାଦିରୁ ବହୁ ସନ୍ନ୍ୟାସୀ, ସାଧୁ ଓ ଭକ୍ତ ଯୋଗ ଦେଇଥିବା ବେଳେ ପଶ୍ଚିମବଙ୍ଗ ଓ ଉପାନ୍ତ ଓଡିଶାର ବହୁ ଭକ୍ତ, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧର୍ମସଭାରେ ବ୍ରହ୍ମାବଧୂତ ଆକୁଳାନନ୍ଦ ବାବା, ପାଗଳା ବାବା, ବଡ ଭୀମସେନ ବାବା, ସୁଜନ ବାବା, ପ୍ରଫୁଲ୍ଲ ବାବା, ସାନ ଭୀମସେନ ବାବା, ମୋହନ ବାବା, ଭାବ ଭାବା, ସୁକଦେବ ବାବା ଓ ପ୍ରଭାସ ବାବା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ନୈତିକ ଅବକ୍ଷୟ ଘଟୁଥିବାରୁ ନିଷ୍କାମ ଲାଗି ସାଧନାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧୁ କାର୍ତ୍ତିକ ଚନ୍ଦ୍ର ଦାସ, ମଦନ ଦାସ, ଅଲେଖ ଦାସ, ମୁକୁନ୍ଦ ଦାସ, ଅଭୟ ଦାସ, ପୂର୍ଣ୍ଣାନନ୍ଦ ଦାସ, ଧୈର୍ଯ୍ୟବନ୍ଧୁ ଦାସ, ଅମୂଲ୍ୟ ଦାସ ଓ ଉଦୟ ଦାସ, ବୈରାଗୀ ଅନନ୍ତ ଦାସ, ପରିକ୍ଷୀତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭକ୍ତ ଗଜେନ୍ଦ୍ର ବେହେରା ଆଶ୍ରମ ଉଦ୍ଦେଶ୍ୟରେ ସ୍ଥାନ ଯୋଗାଇବା ଓ ସାଧୁ ନବକିଶୋର ଦାସଙ୍କ ପ୍ରଚେଷ୍ଟାରେ ଏପରି ଏକ ଆଶ୍ରମ ପ୍ରତିଷ୍ଠା ହୋଇପାରିଥିବା ସମ୍ପର୍କରେ କହିଥିଲେ। ଭୀମଭୋଇଙ୍କ ବିଭିନ୍ନ ଭଜନ, କୀର୍ତ୍ତନ, ଶରଣଦର୍ଶନ, ସମର୍ପଣ, ଅଖଣ୍ଡ ଜ୍ୟୋତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ରାଜେନ୍ଦ୍ର



@ଜ୍ୟୋତିପ୍ରକାଶ



@ପ୍ରଭୁଗୋପାଳ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସ୍ତ୍ରୀଙ୍କୁ ମାଡ଼ ମାରି ଜେଲ ଗଲେ ସ୍ୱାମୀ

ଭଣ୍ଡାରିପୋଖରୀ, ୨୦ା୫ (ସ୍ୱ.ପ୍ର.)–ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ସାବିତ୍ରୀ ବ୍ରତ ଦିନ ସ୍ତ୍ରୀଙ୍କୁ ମାଡ଼ ମାରି ଜେଲ ଗଲେ ସ୍ୱାମୀ। ଗିରଫ ସ୍ୱାମୀ ହେଲେ ତାଳପଦା ଗ୍ରାମର ଆଦିତ୍ୟ ଜେନା। ତାଙ୍କ ସ୍ତ୍ରୀ ମମତା ଥାନାରେ ଅଭିଯୋଗ କରିଛନ୍ତି ଯେ, ଆଦିତ୍ୟ ନିଶାସକ୍ତ ହୋଇ ଅନେକ ସମୟରେ ତାଙ୍କୁ ମାରଧର କରନ୍ତି। ସାବିତ୍ରୀ ଓଷା ଦିନ ଅତି ଅମାନୁଷିକ ଭାବେ ତାଙ୍କୁ ପିଟିବା ସହ ତଣ୍ଟି ମଧ୍ୟ ଚିପି ଦେଇଥିଲେ। ଏପରିକି ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାରିଦେବାକୁ ଯୋଜନା କରିଥିବା ବେଳେ ସୌଭାଗ୍ୟ ବଶତଃ ସେ ବର୍ତ୍ତି ଯାଇଥିଲେ। ବାପଘର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୫୧/୨୩) ରୁଜୁ କରିବା ସହ ତଦନ୍ତ ଆଧାରରେ ଆଦିତ୍ୟଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଥିଲା।

# ଆଦିବାସୀ ମହୋତ୍ସବ ଆରମ୍ଭ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ବଡ଼ବିଲ,୨୦ା୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଉତ୍ସବ ପଡ଼ିଆରେ ତିନିଦିନିଆ ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଲ ଇଣ୍ଡିଆ ଆଦିବାସୀ କମ୍ୟୁନିଟି ପକ୍ଷରୁ ଆୟୋଜିତ ମହୋତ୍ସବକୁ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ବଡ଼କୁଅଁର ଗାଗରାଇ, କେନ୍ଦୁଝରର ବିଧାୟକ ମୋହନ ମାଝୀ, ପଦ୍ମଶ୍ରୀ ଡ଼. ତୁଳସୀ ମୁଣ୍ଡା, ଭାଜପା ନେତା ମୁରଲୀ ମନୋହର ଶର୍ମା, ଅଲ ଇଣ୍ଡିଆ ଆଦିବାସୀ କମ୍ୟୁନିଟିର ସଭାପତି ପୁରୁଷୋତ୍ତମ ଗାଗରାଇ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କେନ୍ଦୁଝର ଜିଲାରେ ପ୍ରଥମ ଜାତୀୟସ୍ତରର ଆଦିବାସୀ ମହୋତ୍ସବ। କାର୍ଯ୍ୟକ୍ରମରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ମଧ୍ୟପ୍ରଦେଶ, ମିଜୋରାମ, ଅରୁଣାଞ୍ଚଳ ପ୍ରଦେଶ ଏବଂ ରାଜସ୍ଥାନ ଆଦି ୧୦ ରାଜ୍ୟର ଆଦିବାସୀ ନେତୃବୃନ୍ଦ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପବନ ଓ ବର୍ଷା ଯୋଗୁ କାର୍ଯ୍ୟକ୍ରମରେ ସାମାନ୍ୟ ବାଧକ ହୋଇଥିଲା।

# 'ସହୋଦର ସାହିତ୍ୟାୟନ'ର ୫ମ ସଂସ୍କରଣ ଲୋକାର୍ପିତ

ଭଦ୍ରକ ଅଫିସ,୨୦ା୫

ଭଦ୍ରକ ନୂଆବଜାରସ୍ଥିତ ଋତୁରାଜ ଆୟୁର୍ବେଦ ଭବନଠାରେ ପଥ ପ୍ରାଚୀର ସାହିତ୍ୟ ପତ୍ରିକା 'ସହୋଦର ସାହିତ୍ୟାୟନ'ର ୫ମ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। କବି କିଶୋର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିବା ଅବସରରେ କହିଥିଲେ, ପ୍ରାଚୀରପତ୍ରରେ ପ୍ରକାଶ ପାଉଥିବା କବିତା ବହୁ ଉଚ୍ଚକୋଟୀର ହୋଇଥିବାରୁ ଏହା ପାଠକୀୟ ଆଦୃତି ଲାଭ କରୁଛି। ବିଗତ ୪ଟି ସଂସ୍କରଣକୁ ଅନୁଧ୍ୟାନ କରାଗଲେ ଦିନକୁ ଦିନ ଏହାର ଲୋକପ୍ରିୟତା ବଢୁଛି। ଅନ୍ୟତମ ଅତିଥି ଭାବେ କବି ମୁକ୍ତିକାନ୍ତ ମଲ୍ଲିକ, ସମ୍ପାଦିକା ସୁଜାତା ରାଉତ, ପ୍ରକାଶକ ଅଶୋକ କୁମାର ନାୟକ, ସହସମ୍ପାଦକ ଅକ୍ଷୟ ଜେନା, ଅରୂପାନନ୍ଦ ନାୟକ, କଳା ସମ୍ପାଦକ ଚୂଡ଼ାମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। କବି ବିଜୟ ବହଳୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅବନୀ ପ୍ରଧାନ, ଗୀତାରାଣୀ ଆଇଚ, ରୂପକ ରାୟ, ଦୀପ୍ତିମୟୀ ନାଥ, ନାଟ୍ୟଶ୍ରୀ ନିର୍ମଳ ରାଉତ, ମାନସ ପଣ୍ଡା ପ୍ରମୁଖ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଥିଲେ।



ପ୍ରାଚୀରପତ୍ର ଲୋକାର୍ପଣ ଅବସରରେ ଅତିଥିମାନେ।

# ଖୋଲୁନି ପ୍ରାଣୀଧନ ସହାୟକ କେନ୍ଦ୍ର

**ନିରାଶ ହୋଇ ଫେରୁଛନ୍ତି ଲୋକେ**

ଭଦ୍ରକ ଅଫିସ, ୨୦ା୫

ଭଦ୍ରକ ଜିଲା ବନ୍ତ ବ୍ଲକର ଗୋପୀନାଥପୁର ପଞ୍ଚାୟତରେ ଥିବା ପ୍ରାଣୀଧନ ସହାୟକ କେନ୍ଦ୍ର ମାସେ ହେଲା ଖୋଲୁନାହିଁ। ୨୦୨୧ ସେପ୍ଟେମ୍ବରରୁ ଏହି କେନ୍ଦ୍ର ଚିକିତ୍ସା ସେବା ଯୋଗାଇ ଆସୁଥିଲା। ଏବେ ବନ୍ଦ ରହୁଥିବାରୁ ଚିକିତ୍ସା ପାଇଁ ଗୃହପାଳିତ ପ୍ରାଣୀଙ୍କୁ ନେଇ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି।

୨୦୧୮ରେ ୬ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣ ସରିବା ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହେବା ସହ ତତ୍କାଳୀନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। କାଦବରାଙ୍ଗ ପ୍ରାଣୀଧନ ନିରୀକ୍ଷକ ରାଜେଶ କୁମାର ବିଶ୍ୱାଳଙ୍କୁ ଡେପୁଟେଶନରେ ଏହି ସହାୟକ କେନ୍ଦ୍ରକୁ ପଠାଯାଇଥିଲା। ସପ୍ତାହର ପ୍ରତି ଗୁରୁବାର ଏଠାରେ ଚିକିତ୍ସା ସେବା ଉପଲବ୍ଧ ହେଉଥିଲା। ସରକାରଙ୍କ ପକ୍ଷରୁ ପ୍ରାଣୀଧନ ସହାୟକ କେନ୍ଦ୍ରକୁ ଔଷଧ ଯୋଗାଇ ଦିଆ ନ ଯିବାରୁ ଚିକିତ୍ସା ଯୋଗାଇବାରେ ବାଧା ସୃଷ୍ଟି ଯୋଗୁ ଡେପୁଟେଶନରେ ସାପ୍ତାହିକ ଆସୁଥିବା ପ୍ରାଣୀଧନ ନିରୀକ୍ଷକ ଆସିବା ବନ୍ଦ କରିଦେଲେ। ଫଳରେ ପ୍ରତି ଗୁରୁବାର ଛେଳି ଓ ଗୋରୁ ନେଇ ଚିକିତ୍ସା ପାଇଁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ଉକ୍ତ କେନ୍ଦ୍ରକୁ ପୁନର୍ବାର ଚାଲୁ କରିବା ଲାଗି ସ୍ଥାନୀୟ ସିଏଫ୍‌ଡବ୍ଲ୍ୟୁଏସ୍‌ଡି ସଙ୍ଗଠନ, ଲୋକଶକ୍ତି ମହିଳା ସଂଘ ସମେତ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିର୍ମଳ ଚନ୍ଦ୍ର ବାରିକ କହିଛନ୍ତି, ଉକ୍ତ କେନ୍ଦ୍ରଟି ନୂଆ ଖୋଲାଯାଇଛି। ମଞ୍ଜୁରୀପ୍ରାପ୍ତ ପୋଷ୍ଟ ନ ଥିବାରୁ ଔଷଧ ଯୋଗାଇ ଦିଆଯାଉ ନାହିଁ। ଔଷଧ ମିଳୁ ନ ଥିବା ଯୋଗୁ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଆଣୁଥିବା ଲୋକେ ଡେପୁଟେଶନରେ ଯାଉଥିବା ପ୍ରାଣୀଧନ ନିରୀକ୍ଷକଙ୍କୁ ଏକାଧିକବାର ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ସେ ଆଉ ଯାଉନାହାନ୍ତି। ସାମୟିକ ଭାବେ କେନ୍ଦ୍ରଟି ବନ୍ଦ ରହିଛି। ଔଷଧ ଯୋଗାଇ ଦିଆଗଲେ ଏବଂ ପ୍ରାଣୀଧନ ନିରୀକ୍ଷକ ପଦ ପୂରଣ ହେଲେ ପୁନର୍ବାର କେନ୍ଦ୍ର ଖୋଲାଯିବ।




ଗୋପୀନାଥପୁର ପ୍ରାଣୀଧନ ସହାୟକ କେନ୍ଦ୍ର ଆଗରେ ଛେଳିକୁ ଚିକିତ୍ସା ପାଇଁ ଆଣିଥିବା ଲୋକେ।

# 'କୃତ୍ରିମ ବୁଦ୍ଧିମତ୍ତା ମାନବଜାତିକୁ କବଳିତ କରିଛି'

**ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ**

ବାରିପଦା ଅଫିସ, ୨୦ା୫

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗରେ ଅନୁଷ୍ଠିତ ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡ଼ିଶା ଉଚ୍ଚ ଶିକ୍ଷା ଯୋଜନାର ସମ୍ମାନିତ ବିକାଶ ପ୍ରାୟୋଜିତ କାର୍ଯ୍ୟକ୍ରମକୁ ଗତ ୧୬ ତାରିଖରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁଳପତି ଆଜିର ଯୁଗ ହେଉଛି କୃତ୍ରିମ ବୁଦ୍ଧିମତ୍ତାର ଯୁଗ। କୃତ୍ରିମ ବୁଦ୍ଧିମତ୍ତା ଆଜି ମାନବଜାତିକୁ କବଳିତ କରିସାରିଲାଣି। ଦିନ ଆସିବ, ପ୍ରାକୃତିକ ବୁଦ୍ଧିମତ୍ତା କୃତ୍ରିମ ବୁଦ୍ଧିମତ୍ତା ଉପରେ ବିଜୟ ହାସଲ କରିବ ବୋଲି କହିଥିଲେ। ଏ ଅବସରରେ ପ୍ରଶିକ୍ଷଣ ପୁସ୍ତିକାକୁ ମୁଖ୍ୟଅତିଥି କୁଳପତି ପ୍ରଫେସର ତ୍ରିପାଠୀ ଡିଜିଟାଲ ମାଧ୍ୟମରେ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶିକା ଏମ. ହିମବିନ୍ଦୁଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥିଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଶତପଥି, ପ୍ରଫେସର ହୃଦୟନାଥ ଥାଟୋଇ ଯୋଗଦେଇଥିଲେ। କମ୍ପ୍ୟୁଟର ପ୍ରୟୋଗ ବିଭାଗୀୟ ମୁଖ୍ୟ ଡ. ଜୀବେନ୍ଦୁ କୁମାର ମନ୍ତ୍ରୀ ଆଭିମୁଖ୍ୟ ପ୍ରକାଶ କରିଥିଲେ। ନାଇଜରର ପ୍ରାଧ୍ୟାପକ ଡ. ଶୁଭଙ୍କର ମିଶ୍ର, ବିଳାସପୁରସ୍ଥିତ ଗୁରୁଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର କପିଳ ନାଗବଂଶୀ, କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସତ୍ୟ ଶୁଭଶ୍ରୀ ସେନ, ଡ. ସୁମିତ୍ ଟେଟାରାଭେ, ଆଇଆଇଟି ପ୍ରଫେସର ପ୍ରଳୟ ମିତ୍ର, ଓୟୁଟିଆର୍‌ର ସହକାରୀ ପ୍ରଫେସର ଡ. ସୁଯୋଗ୍ୟ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ପ୍ରୟୋଗ ବିଭାଗର ଅଧ୍ୟାପିକା, ଅଧ୍ୟାପକଗଣ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୫୦ଜଣ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା।

